Chapter

# ‘ଋ’ କାର

## STUDY NOTES

- ଆମେ ‘ଋ’ କାର ମାତ୍ରା ଯୋଗରେ ବର୍ଣ୍ଣର ଉଚ୍ଚାରଣ, ଲିଖନ ଓ ପଠନ ଶୈଳୀ ବିଷୟରେ ଜ୍ଞାନଲାଭ କରିବା।
- ‘ଋ’ କାର ମାତ୍ରା ଯୋଗର ବ୍ୟବହାର ଓ ଲିଖନ ବିଷୟରେ ଜାଣିବା।
- ‘କ’ ବର୍ଣ୍ଣରେ ଆମେ ( ୃ ) ଚିହ୍ନଟିଏ ଦେଲେ ତାହା ‘ଋ’ କାର ଯୋଗ ହେବ। ଏହିଭଳି ‘କ’ ଠାରୁ ‘ଳ’ ପର୍ଯ୍ୟନ୍ତ ( ୃ ) ‘ଋ’ କାର ଯୋଗକରି ଲେଖିଲେ ତାହା–

| | | | | | | | | | | |
|---|---|---|---|---|---|---|---|---|---|---|
| କୃ | ଖୃ | ଗୃ | ଘୃ | ଚୃ | ଛୃ | ଜୃ | ଝୃ | ଟୃ | ଠୃ | ଡୃ |
| ଢୃ | ଣୃ | ତୃ | ଥୃ | ଦୃ | ଧୃ | ନୃ | ପୃ | ଫୃ | ବୃ | ଭୃ |
| ମୃ | ଯୃ | ରୃ | ଲୃ | ଶୃ | ଷୃ | ସୃ | ହୃ | କ୍ଷୃ | ୟୃ | ଳୃ |

ଉଚ୍ଚାରଣ ହେବ।

- ମାତ୍ରା ଯୋଗ ଅକ୍ଷର ଲିଖନ।

  ଯଥା:– କ୍ + ଋ = କୃ

  ଖ୍ + ଋ = ଖୃ

- ‘ଋ’ କାର ମାତ୍ରା ଯୋଗ ଶବ୍ଦ ଗଠନ ଓ ଉଚ୍ଚାରଣ।

| | | | |
|---|---|---|---|
| ଗୃହ | ବୃକ୍ଷ | ମୃଗ | ବୃଷ |
| ଘୃତ | ତୃଣ | ପିତୃ | ବୃଥା |
| ମୃତ | ଭୃଣ | ମାତୃ | ପୃଥିବୀ |
| କୃଷକ | ଶୃଗାଳ | ନୃପତି | ମାତୃଭୂମି |

- ‘ଋ’ କାର ମାତ୍ରା ଯୋଗ ବାକ୍ୟଗଠନ।

  କ) ବୃଷ ଓ ମୃଗ ତୃଣ ଖାଏ।

ଖ) କୃଷି କରେ କୃଷକ।

ଗ) ନୃପତି ପ୍ରଜାପାଳେ।

ଘ) ସମୟ ଅପଚୟ କରିବା ବୃଥା।

ଙ) ଭାରତ ଆମ ମାତୃଭୂମି।

ଚ) ବୃକ୍ଷଲତା ଆମର ଉପକାରୀ।

ଅଭ୍ୟାସ କର।

୧. ‘ର’ କାର ଥିବା ଶବ୍ଦକୁ ଗୋଲ ◯ ବୁଲାଅ।


| | | |
|---|---|---|
| ଗୃହ | ମାଛ | ଧନୁ |
| ତୂଳା | କାମ | ସୁଖ |
| ଚିନି | ମାତୃ | ହାତୀ |
| ମକା | ବଗ | ମୃଗ |

ODM EDUCATIONAL GROUP Changing your Tomorrow

୨. ସ୍ତମ୍ଭ ମିଳନ କର।

| ‘କ’ | ‘ଖ’ | ଶବଦ |
|---|---|---|
| ଗୃ | କ୍ଷ | |
| କୃ | ହ | |
| ବୃ | ମି | |
| ମୃ | ତୃ | |
| ମା | ଗ | |

୩. ଶବ୍ଦ ଗଢ଼ ।




୪. ‘ ୃ’ କାର ମାତ୍ରା ଦେଇ ନୂଆ ଶବ୍ଦ ଗଢ଼ ।

ଶଗାଳ __________

ନପତି __________

କଷକ __________

ପଥିବୀ __________

ମଣାଳ __________

୫. ଖାଲି ଘର ପୂରଣ କର ।

କ) ବୃଷ ଓ ମୃଗ __________ ଖାଏ ।

ଖ) ଭାରତ ଆମର __________ ।

ଗ) __________ ଆମର ଉପକାରୀ ।

♦♦♦

ODM EDUCATIONAL GROUP Changing your Tomorrow